

୨) ଗାଁଗୁଡିକର ଜନସଂଖ୍ୟାର ଘନତ୍ୱ ..................। (କମ୍, ଅଧିକ, ମଧ୍ୟମ)

୩) ଗ୍ରାମ୍ୟ ଅର୍ଥନୀତି................. ହୋଇଥାଏ। (ବିକଶିତ, କମ୍ ବିକାଶଶୀଳ, ପ୍ରାଚୀନ)

୪) ଭାରତୀୟ ଗ୍ରାମଗୁଡିକ ........................ ବ୍ୟବସ୍ଥାକୁ ନେଇ ଗଠିତ। (ଜାତି, ଶ୍ରେଣୀ, ଭୂସମ୍ପତ୍ତି (Estate)

### ୨୬.୨.୨ ଭାରତୀୟ ଗ୍ରାମ୍ୟ ସମୁଦାୟ : ଏକ ସାମାଜିକ ସମାହାର (The Indian Village Community : As a social unit)

ଇଂରେଜ ଶାସକମାନଙ୍କ କହିବା ଅନୁଯାୟୀ ଭାରତର ଗ୍ରାମ୍ୟ ସମୁଦାୟଗୁଡିକ ଠିକ୍ ଗୋଟିଏ ଛୋଟ ପ୍ରଜାତନ୍ତ୍ର ବା ଗଣତନ୍ତ୍ର (Republic) ପରି। ଏହାର ଅର୍ଥ ସେମାନଙ୍କ ପାଖେ ସବୁ କିଛି ଅଛି । ସେମାନେ ବଞ୍ଚି ରହିବା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରନ୍ତି ନାହିଁ। କିନ୍ତୁ ଭାରତୀୟ ସମାଜଶାସ୍ତ୍ରବିତ୍‌ମାନେ ଗ୍ରାମ୍ୟ ସମାଜଗୁଡିକୁ ଅଧ୍ୟୟନ କଲାପରେ ପ୍ରମାଣିତ କରିଛନ୍ତି ଯେ ଏହା ଏକ କାଳ୍ପନିକ ବା ପୌରାଣିକ କଥା। ଭାରତର ଗାଁଗୁଡିକ ହେଉଛି ସମନ୍ୱିତ ଅଖଣ୍ଡତା ରାଶି ବା ଅକ୍ଷୁର୍ଣ୍ଣତାର ସମାହାର (Integrated Units) । ବହୁକାଳରୁ ଗାଁ, ଗାଁ ମଧ୍ୟରେ ସମାଜିକ-ଅର୍ଥନୈତିକ ଓ ଧର୍ମ କ୍ଷେତ୍ରରେ ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ ଓ ନିର୍ଭରଶୀଳତା ରହିଆସୁଅଛି । ହରିୟାନାର ଗାଁଗୁଡିକୁ ଅଧ୍ୟୟନ କରିଥିବା ଏକ ଅନୁସନ୍ଧାନରୁ ଜଣାଯାଏ ଯେ ୩୦୦ଟି ଗାଁ ବିବାହବନ୍ଧନରେ ବନ୍ଧା ବା ଯୋଡା ହୋଇରହିଛନ୍ତି । ଅନେକ ଜିନିଷ ଯଥା- ଲୁଣ, ଖାଇବା ତେଲ, ପୋଷାକ ପତ୍ର, ଅଳଙ୍କାର ଇତ୍ୟାଦି ସବୁ ପ୍ରତ୍ୟେକ ଗାଁରେ ତିଆରି ହୋଇନଥାଏ। ପ୍ରତ୍ୟେକ ଗାଁରେ ସବୁ ପ୍ରକାରର ସେବା ଉପଲବ୍ଧ ମଧ୍ୟ ହୋଇନଥାଏ।

ଏହାଛଡା ରାଜନୈତିକ କାରଣରୁ ଗାଁଗୁଡିକ ସବୁବେଳେ କୌଣସି ରାଜ୍ୟର ବା ସାମନ୍ତ ବ୍ୟବସ୍ଥାର (Feudalism) ଅଂଶ ରୂପେ ରାଜାମାନଙ୍କୁ ଖଜଣାଦେଇ ଆସୁଥିଲେ। ଅନେକ ସାଂସ୍କୃତିକ ବା ଧର୍ମପୀଠଗୁଡିକ ଦେଶସାରା ବୁଲିବା ପାଇଁ ଲୋକଙ୍କୁ ଆକର୍ଷିତ କରିଥାଏ । ଉଦାହରଣ ସ୍ୱରୂପ-ହିନ୍ଦୁମାନେ ମୋକ୍ଷପ୍ରାପ୍ତି ପାଇଁ ଚାରିଧାମ ଦର୍ଶନ କରିବା ନିହାତି ଆବଶ୍ୟକ। ଏତଦ୍‌ବ୍ୟତୀତ ଗାଁର ବାଣିଜ୍ୟ ବେପାର କାରବାର ଅନ୍ୟାନ୍ୟ ଅଞ୍ଚଳଗୁଡିକ ସାଙ୍ଗେ ସମ୍ପର୍କ ସ୍ଥାପନ ପାଇଁ ସହାୟକ ହୋଇଥାଏ। ତେଣୁ ଆମେ କହିପାରିବା ନାହିଁ ଯେ ଗାଁଗୁଡିକ ପୃଥକ ଭାବେ ଅବସ୍ଥିତ । ବରଂଚ ସେମାନେ ଗୋଟିଏ ବଡ଼ ସମାଜର ଏକ ବିଶେଷ ମୁଖ୍ୟ ଅଂଶ ।

### ୨୬.୨.୩ ଗ୍ରାମ୍ୟ ସମାଜର ପରିବର୍ତ୍ତନ (Changes in Rural Society)

ଭାରତ ସ୍ୱାଧୀନତା ଲାଭ କରିବା ପରେ ୧୯୫୨ ମସିହାରେ ଗୋଷ୍ଠି ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ ହେଲା (Community Development programme) ଏହାର ଅର୍ଥ ହେଲା ଗ୍ରାମ୍ୟ ସମୁଦାୟର ସମ୍ପୂର୍ଣ୍ଣ ବିକାଶ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସମୁଦାୟର ବିକାଶରେ



ଯୋଗଦାନ । ପରବର୍ତ୍ତୀ କାଳରେ, ଅର୍ଥାତ୍ ୧୯୫୯ ମସିହାରେ ପଞ୍ଚାୟତିରାଜ (ସ୍ୱାୟତ୍ତ ଶାସନ) (Local Self Government) କାର୍ଯ୍ୟକ୍ରମ ଆରମ୍ଭ ହେଲା । ଆଜି ପର୍ଯ୍ୟନ୍ତ ଉଭୟ ଯୋଜନା ଠିକ୍ ଭାବରେ ଚାଲିଆସୁଅଛି । କିନ୍ତୁ ୧୯୭୯ ମସିହାରେ ଗୋଷ୍ଠୀଉନ୍ନୟନ ଯୋଜନା ପରିବର୍ତ୍ତେ ସମନ୍ୱିତ ଗ୍ରାମ୍ୟବିକାଶ ଯୋଜନା (Integtrated Rural Development Programme) ଆରମ୍ଭ ହେଲା ।

ଗ୍ରାମ୍ୟସମୁଦାୟ ଓ ସହରୀସମୁଦାୟ ମଧ୍ୟରେ ସର୍ବଦା ଏକ ଅବିରତ ପାରସ୍ପାରିକ କ୍ରିୟା (Continuous Interaction) ରହିଅଛି । ଗ୍ରାମବାସୀ ସହରାଞ୍ଚଳ ବୁଲିବାକୁ ଯାଇ ସହରାଞ୍ଚଳର ଲୋକଙ୍କ ସାଙ୍ଗେ ମିଶିଥାନ୍ତି । ଏଣୁ ସହରୀ ସଂସ୍କୃତି ଗ୍ରାମାଞ୍ଚଳକୁ ପ୍ରବେଶ କରିଥାଏ ଏବଂ ଧୀରେ ଧୀରେ ସହରାଞ୍ଚଳର ପ୍ରଭାବ ଯୋଗୁଁ ବିଷମ ଜାତୀୟତା (Heterogeneity) ଭାବନା ଗ୍ରାମାଞ୍ଚଳର ନିକଟବର୍ତ୍ତୀ ହୋଇଥାଏ । ଏଥିପାଇଁ କୁହାଯାଇଥାଏ ଯେ ଭାରତୀୟ ସହରଗୁଡିକରେ କିଛି କିଛି ଗ୍ରାମ୍ୟ ଉପାଦାନ ଦେଖିବାକୁ ମିଳିଥାଏ । କୃଷିଭିତ୍ତିକ ଜିନିଷପତ୍ର ଓ ପ୍ରାଥମିକ ଖାଦ୍ୟ ପଦାର୍ଥ ଅର୍ଥାତ୍ ପନିପରିବା, ଫଳ ଇତ୍ୟାଦି ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଆସିଥାଏ । ସେଥିପାଇଁ ଉଭୟ ସମୁଦାୟ ମଧ୍ୟରେ ନିର୍ଭରଶୀଳତା ଦେଖାଦେଇଥାଏ । ଏଣୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଏକ ନିରବଚ୍ଛିନ୍ନତା (continuim) ବା ଚିରନ୍ତନ ସମ୍ପର୍କ ଦେଖାଯାଇଥାଏ । ରାସ୍ତାଘାଟର ଉନ୍ନତି ଓ ଗମନାଗମନର ସୁବିଧା ହେତୁ ଗ୍ରାମାଞ୍ଚଳରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଦେଖାଦେଇଛି ଯାହାଦ୍ୱାରା ଜାତି ବ୍ୟବସ୍ଥା ଦୁର୍ବଳ ପଡିଯାଇଛି । ଆଜିକାଲି ସାମାଜିକ ଗତିଶୀଳତା (social mobility) ବୃଦ୍ଧି ଯୋଗୁଁ ଗ୍ରାମ୍ୟ ସମାଜଗୁଡିକ ଦ୍ରବ୍ୟ ବିନିମୟ (Barter system) ବ୍ୟବସ୍ଥା ପରିବର୍ତ୍ତେ ନଗଦ ବଜାର (Cash market) ବ୍ୟବସ୍ଥା ସୃଷ୍ଟି କରିପାରିଛନ୍ତି ।

## ୨୬.୩ ସହର ସମୁଦାୟ (Urban Society)

ସହର ସମୁଦାୟ କହିଲେ ଆମେ ସହର, ନଗର, ମହାନଗରଗୁଡିକୁ ବୁଝିଥାଉଁ । ଏଣୁ ସହର ସମୁଦାୟର ସଂଜ୍ଞା ହେଉଛି ଏହାର ଜନସଂଖ୍ୟାରେ ଘନତ୍ୱ ଓ ଲୋକଙ୍କର ଏକ ଅଣ-କୃଷିଭିତ୍ତିକ ବୃତ୍ତି ସଂଗେ ସଂଗେ ଏକ ସ୍ୱତନ୍ତ୍ର ସଂସ୍କୃତି ମଧ୍ୟ ଥାଏ ।

### ୨୬.୩.୧ ସହର ସମୁଦାୟର ବିଭିନ୍ନ ଉପାଦାନ ବା ଗୁଣ (Characteristics of Urban Society)

ସହର ସମୁଦାୟରେ ନିମ୍ନଲିଖିତ ଉପାଦାନଗୁଡିକ ଦେଖିବାକୁ ମିଳେ ।

କ) ସହର ଓ ନଗର ଅଞ୍ଚଳରେ ଗ୍ରାମାଞ୍ଚଳ ଅପେକ୍ଷା ଲୋକସଂଖ୍ୟାର ଘନତ୍ୱ ଅଧିକ ।

ଖ) ସାଂସ୍କୃତିକ ବିଷମଜାତୀୟତା (Cultural Heterogeneity) ସହରାଞ୍ଚଳରେ ଦେଖିବାକୁ

ମିଳିଥାଏ କାରଣ ବିଭିନ୍ନ ଅଞ୍ଚଳରୁ ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଚିକିତ୍ସା ଓ ଚାକିରି ପାଇଁ ସହରାଭିମୁଖୀ ହୋଇଥାନ୍ତି ।

ଗ) ସହରଗୁଡ଼ିକର ଏକ ପୃଥକ ପରିବେଶ ଥାଏ ଯାହାକି ପ୍ରାକୃତିକ ନହୋଇ କୃତ୍ରିମ ତଥା ମଣିଷ ଦ୍ୱାରା ନିମିତ ହୋଇଥାଏ ।

ଘ) ସହରାଞ୍ଚଳରେ ଲୋକେ ଅଣ କୃଷିଭିତ୍ତିକ ବୃତ୍ତି ଅବଲମ୍ବନ କରିଥାନ୍ତି । ସେଗୁଡ଼ିକ ଶିଳ୍ପ ପ୍ରତିଷ୍ଠାନ, ବାଣିଜ୍ୟ ଓ ବ୍ୟବସାୟର ପେଶସ୍ଥଳୀ । ସେମାନେ ସରକାରୀ ଓ ବେସରକାରୀ ଦପ୍ତରଗୁଡ଼ିକରେ କାର୍ଯ୍ୟ କରିଥାନ୍ତି ।

ଙ) ସହର ସମୁଦାୟରେ ଲୋକଙ୍କର ସାମାଜିକ ଗତିଶୀଳତା ବା ସଞ୍ଚଳନ (social mobility) ଅଧିକ ଓ ଧୀରେ ଧୀରେ ସେମାନଙ୍କ ଶ୍ରେଣୀ ସଂରଚନା ଓ ଅର୍ଥନୈତିକ କ୍ଷେତ୍ରରେ ନୀଚ, ମଧ୍ୟମ ଓ ଉଚ୍ଚତର ଶ୍ରେଣୀ ବର୍ଗକୁ ଆସିଥାଏ ।

ଚ) ସହରୀ ସମୁଦାୟରେ ସାମାଜିକ ନିୟନ୍ତ୍ରଣ ଆନୁଷ୍ଠାନିକ ମାଧ୍ୟମ, ଯଥା- ଆଇନ, ପୋଲିସ, ବିଚାରାଳୟ ଓ ଅନ୍ୟାନ୍ୟ ପ୍ରଶାସନିକ ସଂସ୍ଥାଗୁଡ଼ିକ ଦ୍ୱାରା ହୋଇଥାଏ ।

ଛ) ସହରାଞ୍ଚଳରେ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ପ୍ରାଥମିକ ନହୋଇ ଗୌଣ ସମ୍ପର୍କ ସ୍ଥାପିତ ହୋଇଥାଏ । ଏହାର ଅର୍ଥ ମୁହାଁମୁହିଁ ସମ୍ପର୍କ ବା ବ୍ୟକ୍ତି-ବ୍ୟକ୍ତି ସମ୍ପର୍କ ସହର ସମୁଦାୟର ସମ୍ଭବପର ନୁହେଁ ।

ଜ) ସହରୀ ସମୁଦାୟରେ ଲୋକଙ୍କ ଜୀବନଧାରଣରମାନ ମଧ୍ୟ ସହରୀ ହୋଇଥାଏ । ଏହାର ଅର୍ଥ ହେଲା ସେମାନଙ୍କ ମଧ୍ୟରେ ଆନୁଷ୍ଠାନିକ ପାରସ୍ପରିକ କ୍ରିୟା (Formal Interaction) ଅବ୍ୟକ୍ତ ବାଚକ ବ୍ୟବହାର (Impersonal Behaviour), ଅଣ-ଜ୍ଞାତିତ୍ୱ ସମ୍ପର୍କ (Non-Kinship Relationship) ଦେଖା ଦେବା ସଂଗେ ସଂଗେ ଅବସର ସମୟ କ୍ଲବରେ, ପାର୍କରେ, ସିନେମା ହଲରେ, ରେଷ୍ଟୁରାଣ୍ଟରେ କିମ୍ବା ବଜାରରେ ବିତିଥାଏ ।

ଝ) ସହରାଞ୍ଚଳରେ ଥିବା ଅର୍ଥନୈତିକ ଅନୁଷ୍ଠାନଗୁଡ଼ିକ ବଜାର ଏବଂ ମୁଦ୍ରା ସମ୍ବନ୍ଧୀୟ ଅର୍ଥନୀତି ଉପରେ ଆଧାରିତ ।

ଞ) ବିଭିନ୍ନ ନାଗରିକ ସୁବିଧା (civic facilities) ଯଥା ରାସ୍ତାଘାଟ, ବିଜୁଳୀବତୀ, ପାଣି, ଯୋଗାଯୋଗ, ପାର୍କ, ହୋଟେଲ, ସିନେମାଘର ଇତ୍ୟାଦି ସହରାଞ୍ଚଳରେ ଦେଖିବାକୁ ମିଳିଥାଏ ।

ଟ) ସହର ସମୁଦାୟରେ ନାମ ବିହୀନତା (Anonymity) ହେଉଛି ଏକ ବିଶେଷ ଉପାଦାନ, ଯାହାର ଅର୍ଥ ହେଲା ସହରାଞ୍ଚଳର ଲୋକେ ଗ୍ରାମାଞ୍ଚଳ ପରି ପରସ୍ପରକୁ ଚିହ୍ନିନଥାନ୍ତି ।



### ପାଠଗତ ପ୍ରଶ୍ନ ୨୬.୫

ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଲେଖ ।

୧. ସହର ସମୁଦାୟଗୁଡ଼ିକର ମୁଖ୍ୟତଃ ................ବୃତ୍ତି ଥାଏ । (କୃଷି ଭିତ୍ତିକ, ଅଣ କୃଷିଭିତ୍ତିକ, ଯାଜକୀୟ ବା ପୁରୋହିତ ସମ୍ବନ୍ଧୀୟ)

୨. .................. ହେଉଛି ସହର ସମୁଦାୟର ଏକ ମୁଖ୍ୟ ଉପାଦାନ । (ବ୍ୟକ୍ତିଗତ ସମ୍ପର୍କ, ନାମ ବିହିନତା, ଜ୍ଞାତିତ୍ୱ)

୩. ସହର ସମାଜରେ................ ଅର୍ଥନୀତି ଦେଖାଯାଏ । (ମୁଦ୍ରା ସମ୍ବନ୍ଧୀୟ, କୃଷିଭିତ୍ତିକ, ନେଣଦେଣ ବ୍ୟବସ୍ଥା Barter)

୪. ସହରାଞ୍ଚଳରେ ଲୋକଙ୍କର...................ସଂସ୍କୃତିକ ଦେଖାଦେଇଥାଏ । (ସମଜାତିୟତା, ବିଷମ ଜାତିୟତା, ବହୁବାଦୀ)

#### ୨୬.୩.୨ ଭାରତର ସହର ସମୁଦାୟ (India's Urban Communities)

ଭାରତରେ ସହର ସମୁଦାୟରେ ନିମ୍ନଲିଖିତ ଉପାଦାନଗୁଡ଼ିକ ଦେଖାଦେଇଥାଏ ।

କ) ସହରାଞ୍ଚଳରେ କେତେକ ପ୍ରଶାସନିକ ସମାହାରର ଅଙ୍ଗ ଯଥା- ପୌରପାଳିକା (Municipality), ମେଟ୍ରୋ ନଗର ପରିଷଦ (Metropolitan council), ବିଜ୍ଞାପିତ ଅଞ୍ଚଳ ପରିଷଦ (Notified Area Council) ଇତ୍ୟାଦି ଦେଖାଦେଇଥାଏ ।

ଖ) ୧୦,୦୦୦ରୁ ଊର୍ଦ୍ଧ୍ୱ ଜନବସତି ଥିବା ଉଚିତ ।

ଗ) ଏହାର ୭୫% ଭାଗରୁ ଅଧିକ ଲୋକଙ୍କର ଅଣ କୃଷିଭିତ୍ତିକ ବୃତ୍ତି ଥିବ ।

ଘ) ଗୋଟିଏ ବର୍ଗ ମାଇଲ ମଧ୍ୟରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକସଂଖ୍ୟା ଥିବା ଉଚିତ ।

ଙ) ବିଭିନ୍ନ ନାଗରିକ ସୁବିଧା ଯଥା- ଗୋଟିଏ ଶିଳ୍ପାଞ୍ଚଳ, ଏକ ବୃହତ୍ ଗୃହ ନିର୍ମାଣ ବନ୍ଦୋବସ୍ତ, ଆମୋଦ ପ୍ରମୋଦର ସୁବିଧା ସୁଯୋଗ ଥିବା ଉଚିତ । ଜନସଂଖ୍ୟା ଅନୁଯାୟୀ ଭାରତରେ ନିମ୍ନଲିଖିତ ପ୍ରକାରର ସହର/ ନଗର ଦେଖିବାକୁ ମିଳେ ।

| ନାମ ତାଲିକା (Nomenclature) | ଜନସଂଖ୍ୟା (Population) |
|---|---|
| ମେଟ୍ରୋ ସହର/ ମହାନଗର | ୧୦,୦୦,୦୦୦ରୁ ଊର୍ଦ୍ଧ୍ୱ |
| ପ୍ରଥମ ଶ୍ରେଣୀ ସହର | ୧,୦୦,୦୦୦ରୁ ଊର୍ଦ୍ଧ୍ୱ |
| ଦ୍ୱିତୀୟ ଶ୍ରେଣୀ ସହର | ୫୦,୦୦୦ରୁ ଊର୍ଦ୍ଧ୍ୱ |
| ତୃତୀୟ ଶ୍ରେଣୀ ସହର | ୨୦,୦୦୦ରୁ ଊର୍ଦ୍ଧ୍ୱ |
| ଚତୁର୍ଥ ଶ୍ରେଣୀ ସହର | ୧୦,୦୦୦ରୁ ଊର୍ଦ୍ଧ୍ୱ |



### ୨୬.୩.୩. ସହରୀ ସାମାଜିକ ସମସ୍ୟା (Urban Social Problems)

ସହରାଞ୍ଚଳମାନଙ୍କରେ ଅନେକ ସାମାଜିକ ସମସ୍ୟା ଦେଖାଦେଇଥାଏ । ସେଗୁଡ଼ିକ ହେଲା: ଅତ୍ୟଧିକ ଜନବସତି, ବସ୍ତିର ବିକାଶ, ଅପରାଧ ଏବଂ ପାଣି ଓ ବିଜୁଳି ଶକ୍ତି କ୍ଷେତ୍ରରେ ଅସୁବିଧା । କେତେକ ସମସ୍ୟା ସହରାଞ୍ଚଳରେ କୌଣସି ନାମ ଓ କାରଣ ନଥାଇ ଦେଖା ଦେଇଥାଏ, ଯେଉଁଠି ବ୍ୟକ୍ତିଗତ ସମ୍ପର୍କ ଓ ପ୍ରାଥମିକ ଦଳ ମଧ୍ୟରେ ଥିବା ସମ୍ପର୍କ ଭାଙ୍ଗି ଯାଇଥାଏ । ଏହା ଭୀଷଣ ଭାବରେ ମାନସିକ ଚାପ ଓ ଅସ୍ଥିରତା ସୃଷ୍ଟି କରିଥାଏ । ସେଥିପାଇଁ ଏହା ସହରାଞ୍ଚଳରେ ମନୋସ୍ତାତ୍ତ୍ୱିକ ପୀଡା ବା ଅସୁସ୍ଥତା ଅଧିକ ପରିମାଣରେ ସୃଷ୍ଟି କରିଥାଏ । ଅଧିକ ସଂଖ୍ୟାରେ ଲୋକେ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଆସିବା ଯୋଗୁଁ ବେକାରୀ ସମସ୍ୟା ଦେଖାଦେଇଥାଏ । ଏଗୁଡ଼ିକ କେତେକ ଆକର୍ଷଣୀୟ କାରକ (Pull Factors) ଓ ଚାଷ ଦ୍ୱାରା ତଡା ହେବା କାରକ (Push factors) ଦ୍ୱାରା ହୋଇଥାଏ । ଏହା ଲୋକଙ୍କ ମନରେ ଏକ ନୈରାଶ୍ୟ ଭାବ (Frustration) ସୃଷ୍ଟି କରେ ।

ବିଭିନ୍ନ ଚାପର ବଶବର୍ତ୍ତୀ ହୋଇ ବା ଠେଲି ହୋଇ ଗ୍ରାମାଞ୍ଚଳର ଲୋକେ ଚାକିରି ଉଦ୍ଦେଶ୍ୟରେ ସହରକୁ ପଳେଇ ଆସିଥାନ୍ତି । କିନ୍ତୁ ଆକର୍ଷଣୀୟ କାରକ ହିସାବରେ ସହରରେ ଥିବା ସମ୍ପର୍କୀୟମାନେ ଚାକିରି ଉଦ୍ଦେଶ୍ୟ ଗାଁର ଲୋକଙ୍କୁ ଆମନ୍ତ୍ରିତ କରିଥାନ୍ତି । ଏହାଛଡା ସହରର ବିଭିନ୍ନ ଆମୋଦ ପ୍ରମୋଦ ସୁବିଧା ସୁଯୋଗଗୁଡ଼ିକ ଗ୍ରାମାଞ୍ଚଳର ଲୋକଙ୍କୁ ଆକର୍ଷିତ କରିଥାଏ । ସହରାଞ୍ଚଳରେ ସ୍ଥାନାନ୍ତରିତମାନଙ୍କର (Migrants) ରହିବା ପାଇଁ ସେଭଳି କିଛି ବିଶେଷ ସୁବିଧା ନଥାଏ । ସେମାନେ ସାଧାରଣତଃ ସହରାଞ୍ଚଳର ଆଖପାଖ ଅଞ୍ଚଳରେ ଦଳବଦ୍ଧ ଭାବେ ବସବାସ କରିଥାନ୍ତି । ଏହି ଦଳବଦ୍ଧ ବାସସ୍ଥାନଗୁଡ଼ିକ ପରେ ଗୋଟିଏ ଗୋଟିଏ ବସ୍ତି ଅଞ୍ଚଳରେ (slum) ପରିଣତ ହୋଇଥାଏ ଏବଂ କାଳକ୍ରମେ ଏହି ଲୋକଙ୍କର ଅବସ୍ଥା ଧୀରେ ଧୀରେ ଅତି ଖରାପ ହୋଇଥାଏ । ସହରାଞ୍ଚଳରେ ଅପରାଧର ମାତ୍ରା ଅଧିକ । ଏଗୁଡ଼ିକ ମୁଖ୍ୟତଃ ବେକାରୀ ସମସ୍ୟା ଯୁବପିଢ଼ିର ନୈରାଶ୍ୟଭାବ ଓ ଜନସଂଖ୍ୟାର ଘନତ୍ୱ ଯୋଗୁଁ ଦେଖା ଦେଇଥାଏ ।

**ପାଠଗତ ପ୍ରଶ୍ନ ୨୬.୬**

ସଂକ୍ଷେପରେ ଲେଖ ।

୧. ଗୋଟିଏ ମେଟ୍ରୋ ସହରର ଅତି କମ୍‌ରେ ଲୋକସଂଖ୍ୟା କେତେ ?

.............................................................................................

୨. ସହରାଞ୍ଚଳରେ କାହିଁକି କେତେକ ଲୋକଙ୍କର ମାନସିକ ସମସ୍ୟା ଦେଖାଯାଇଥାଏ ?

.............................................................................................

୩. ସ୍ଥାନାନ୍ତର ଚାପ ଦ୍ୱାରା ଠେଲିବା କାରଣଗୁଡିକ କ'ଣ ?

........................................................................................

୪. ସହରାଞ୍ଚଳରେ ବେକାରୀ ସମସ୍ୟାର କାରଣଗୁଡିକ କ'ଣ ?

........................................................................................

## ତୁମେ କ'ଣ ଶିକ୍ଷା କଲ (What you have learnt)

- ତୁମେ ଏହି ଅଧ୍ୟାୟରେ ଭାରତର ଜନଜାତି, ଗ୍ରାମ୍ୟ ଓ ସହର ସମୁଦାୟଗୁଡକ ସମ୍ବନ୍ଧରେ ଶିକ୍ଷା ଲାଭ କଲ ।
- ଭାରତରେ ଏହି ତିନିଗୋଟି ସମୁଦାୟଗୁଡିକ ମଧ୍ୟରେ ଠିକ୍ ଭାବେ ସଂଯୋଜନା, ପରସ୍ପର ମଧ୍ୟରେ ନିର୍ଭରଶୀଳତା ଓ ସହଯୋଗ ଦେଖା ଦେଇଥାଏ ।
- ଅର୍ଥନୈତିକ କ୍ଷେତ୍ରରେ ପୌର ସମୁଦାୟ ଅପେକ୍ଷା ଜନଜାତି ଓ ଗ୍ରାମ୍ୟ ସମୁଦାୟଗୁଡିକ ଅନୁନ୍ନତ ।
- କିନ୍ତୁ ଆଜିକାଲି ବିଭିନ୍ନ ଅର୍ଥନୈତିକ ବିକାଶ ଯୋଜନା ଦ୍ୱାରା ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ସୁଧୁରିବାରେ ଲାଗିଅଛି ।
- ଏହି ସମୁଦାୟଗୁଡିକରେ ଏକ ସ୍ୱତନ୍ତ୍ର ସଂସ୍କୃତି ସହିତ ଏକ ପ୍ରାକୃତିକ ପରିବେଶ ବା ବାତାବରଣ ଦେଖାଦେଇଥାଏ ।
- କିନ୍ତୁ ସହରାଞ୍ଚଳର ଲୋକମାନେ ଗ୍ରାମାଞ୍ଚଳ ଲୋକଙ୍କର ସରଳତା ପରି ଗୁଣ କିମ୍ବା ଏକ ବିଶୁଦ୍ଧତା ପରିବେଶ ପାଇପାରନ୍ତି ନାହିଁ ।
- ଭାରତୀୟ ସହରଗୁଡିକ ତା'ର ପୃଥକ ପୃଥକ ସଂସ୍କୃତି ଯୋଗୁଁ ଦେଶର ଅନ୍ୟ ସ୍ଥାନ ଓ ଅନ୍ୟାନ୍ୟ ଦେଶମାନଙ୍କର ଲୋକଙ୍କୁ ଆକର୍ଷିତ କରିଥାନ୍ତି ।
- କିନ୍ତୁ ସହରମାନଙ୍କରେ ଜନଗହଳି ଓ ଅତ୍ୟଧିକ ସ୍ଥାନାନ୍ତରଣ ଯୋଗୁଁ ବେକାରୀ ସମସ୍ୟା ସହିତ ବସ୍ତି ଅଞ୍ଚଳ ସମସ୍ୟ ଦେଖା ଦେଇଥାଏ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ (Terminal Question)

୧. ଜନଜାତି ସମାଜକୁ କାହିଁକି ସରଳ ସମାଜ ବୋଲି କୁହାଯାଏ ?

୨. ଭାରତରେ ଥିବା ବିଭିନ୍ନ ଜନଜାତି ସମସ୍ୟାଗୁଡିକୁ ଆଲୋଚନା କର ।

୩. ଭାରତରେ ସହରାଞ୍ଚଳର ମୁଖ୍ୟ କାରକଗୁଡିକ କଣ ?

୪. ଭାରତ ସ୍ୱାଧୀନତା ଲାଭ କଲାପରେ ଗ୍ରାମ୍ୟ ସମାଜରେ କି କି ପରିବର୍ତ୍ତନ ହୋଇଛି, ସଂକ୍ଷେପରେ ଲେଖ ।

୫. ଭାରତର ବିଭିନ୍ନ ସହରୀ ସାମାଜିକ ସମସ୍ୟାଗୁଡିକୁ ସଂକ୍ଷେପରେ ଲେଖ ।

## ପାଠଗତ ପ୍ରଶ୍ନଗୁଡିକର ଉତ୍ତର (Answer to intext Questions)

**୨୬.୧** (୧) ପାହାଡିଆ (୨) ଅନୁନ୍ନତ (୩) ସେମାନଙ୍କ ନିଜର
(୪) ଅଳ୍ପ

**୨୬.୨** (୧) ଭିଲ, ମୁଣ୍ଡା, ସାନ୍ତାଳ, ନାଗା, ଖାସି (୨) ଝୋଡା
(୩) ଆଣ୍ଡାମାନ ଦ୍ୱୀପ (୪) ମିନା, ରେବାରୀ, ଡାଙ୍ଗ

**୨୬.୩** (୧) ମୁଦ୍ରା ଅର୍ଥନୀତି
(୨) ନୂଆ ନୂଆ ଜଙ୍ଗଲ ଜାଗାକୁ ପରିଷ୍କାର କରି ଚାଷ କରିବାକୁ ପୋଡୁ ଚାଷ କୁହାଯାଏ
(୩) କାରଣ ପାଠ୍ୟକ୍ରମ ଓ ସମୟ ସେମାନଙ୍କ ସଂସ୍କୃତି ଓ ଇଚ୍ଛା ଅନୁଯାୟୀ ହୋଇନଥାଏ
(୪) ମୁଦ୍ରା ଅର୍ଥନୀତିର ଅଭାବ

**୨୬.୪** (୧) କୃଷି ଭିତ୍ତିକ (୨) କମ୍ (୩) କମ୍ ବିକାଶଶୀଳ (୪) ଜାତି

**୨୬.୫** (୧) ଅଣ କୃଷିଭିତ୍ତିକ (୨) ନାମ ବିହିନତା (୩) ମୁଦ୍ରା ସମ୍ବନ୍ଧୀୟ
(୪) ବିଷମ ଜାତୀୟତା

**୨୬.୬** (୧) ୧୦,୦୦,୦୦୦
(୨) ପ୍ରାଥମିକ ଗୋଷ୍ଠୀ ସମ୍ପର୍କ ଭାଙ୍ଗି ଯାଇଥାଏ
(୩) ଗ୍ରାମାଞ୍ଚଳର ଦାରିଦ୍ରତା ଲୋକଙ୍କୁ ଚାକିରି ଅନ୍ୱେଷଣରେ ସହରକୁ ଠେଲିଥାଏ
(୪) ଅତ୍ୟଧିକ ଜନସଖ୍ୟା ।